# MANIMALA

BY

Sri CHANDRA CHUDAMANI RAJAH

HARICHANDAN JAGADEB,

*Raja of Surangi.*

# ମଣିମାଳା ।

ସୁରଙ୍ଗୀ ଅଧୀଶ୍ୱର

ଶ୍ରୀ ଚନ୍ଦ୍ରଚୂଡ଼ାମଣି ରାଜା ହରିଚନ୍ଦନ ଜଗଦେବଙ୍କ

ବିରଚିତ ।

ପ୍ରଥମ ମୁଦ୍ରଣ ।

PRINTED BY H. K. DAS.

Chandrodaya Press,

CUTTACK.

1918.

ମୂଲ୍ୟ ୫° । ଛଅଅଣା ମାତ୍ର ।

# ସୂଚୀ ପତ୍ର ।


| ବିଷୟ | ପୃଷ୍ଠା | ବିଷୟ | ପୃଷ୍ଠା |
|---|---|---|---|
| [illegible] କଥା | ୧ | ଶଉ | ୧୮ |
| [illegible]ାଗ | ୨ | ଅନୁତାପ | ୨୦ |
| [illegible] ଢାଷାର | ୩ | ଶଯ୍ୟା | ୨୧ |
| [illegible] ... | ୪ | ମଳ ପ୍ରଭ | [illegible] |
| [illegible]ଗେଣୀ ପ୍ରଭ | ୭ | ତୃଦା | ୨୫ |
| ବିଡ଼ଲେକ | ୮ | ଚାରତ୍ର | ୨୭ |
| ଦେବ ଦୂତେମା | ୧୦ | ଉତ୍କଳମାତା ଭକ୍ତି | ୩୦ |
| ହୃଦ | ୧୨ | ସଂସାର ... | ୩୫ |
| ସ୍ୱପ୍ନ | ୧୪ | ଢାର୍ଯ୍ୟଶେଷ ବଦାଯ୍ ସ୍ତବଣ ... | ୪୦ |
| ମୁକ୍ତି | ୧୬ | ବାଣୀ ପୂଜା ... | ୫୪ |

# ସଙ୍ଗୀ-ମାଳା ।

## ବ୍ୟର୍ଥ ବ୍ୟଥା ।

କାହିଁ ପ୍ରେମ ପ୍ରତିମା ମୋ ସ୍ୱରଗ ସମାଜ,
ଏକା ହୋଇ କାହିଁ ଗଲୁ ହୋଇ ଅନ୍ତର୍ଦ୍ଧାନ ?
ହେଲି କିଆଁ ପରିତ୍ୟକ୍ତ, କିଏ ଦେବ ସାହା ?
ନଷ୍ଟଜ୍ଞାନ ହୋଇ ଅନ୍ଧ ପରି ଗୃଲେଁ ବାହା ।
ହେଉଛି ଯୌବନ ଦିନ ଅତୀତ ଯେତିକି,
କାଳ-ଛାୟା ସନ୍ନିକଟ ହେଉଛି ସେତିକି !
ଜଗତ ବିଭବ ଖୋଜି ନ ପାଇଲି ଲେଶ,
ଦୁଃଖାନଳେ ଜଳୁ ଯେହ୍ନୁ ଦଗ୍ଧ ହୃଦଦେଶ ।
ସଂସାର ସଂଗ୍ରାମେ ସହୁ ପର ପରାଭବ
ରହୁଛି ଯା ପ୍ରାଣ ଏହା ବଡ଼ ଅସମ୍ଭବ ।

# ଶୋଭା ।

ଚରାଚର ବିଶ୍ୱରାଜ୍ୟ ଶୋଭାର ସାଗର,
ନେତ୍ରଲୋଭା ଶୋଭା-ବୀଚୀ ଖେଳେ ନିରନ୍ତର ।
ଯହିଁ ଦେଖ ନାରେ ତହିଁ ମଧୁର ସୁଷମା,
ନୀରବେ ଗାଇଣ ଶୋଭା-ଗୀତି ନିରୁପମା ।
ଶୋଭାପୂର୍ଣ୍ଣ ଅନମ୍ବର ମୁହୂର୍ତ୍ତ-ନୂତନ,
ଅନନ୍ତ ଶୋଭାର ଧ୍ୱଜା ଉଡ଼ାଏ କାନନ ।
ମାନବର ମତି, ଗତି, ନୟନେ ଅବର
ଛନ୍ଦେ ଯେହୁ ଦୃଢ଼େ ଶୋଭା ସେହୁ ତ ନକର ।
ଅଉ ଏକ ଶୋଭା ବସେ ମାନବ-ମାନସେ,
ଶୋଭାପାର୍ଥୀ ଭେଦ ପାରେ ସେ ଶୋଭା ରହସ୍ୟେ ।
ଅଶୋଭାର ଶୋଭା ସେହୁ—ଶୋଭା ସ୍ୱର୍ଗଉଚ୍ଚ,
ଆନ ଯେତେ ଶୋଭା ସର୍ବେ ତୁଳନାରେ ତୁଚ୍ଛ ।
ସେହୁ ଶୋଭା ଉପଭୋଗ କରେ ଯେହୁ ପ୍ରାଣେ,
ପ୍ରକୃତ ସେ ଶୋଭା-ଭକ୍ତ, ଶୋଭା ମୂଲ୍ୟ ଜାଣେ ।

# ଭାବ-କାସାର ।

୧

ବର୍ତ୍ତେତ ଅଗ୍ରେ          ଅହୋ କି ପ୍ରକାଣ୍ଡ
ସାରସ୍ୱତ ରମ୍ୟ ଭାବ-କାସାର,
ଅମଳ-କଳ୍ପନା-          କମଳ-କଳିକା
ଭାସୁଛନ୍ତି ଅଗଣ୍ୟ ବକ୍ଷେ ତାହାର ।
ପୁଚ୍ଛ ସଞ୍ଚାଳଣ          ବୁଲୁଛନ୍ତି କେତେ
ଭାବ-ମୀନ ଅହା ଅତଳ ଜଳେ,
ଉଠି ଉପରକୁ          ବୁଡ଼ି ଯାଉଛନ୍ତି
କେତେ ମୀନେ ପୁଣି କେତେ ବଞ୍ଚଲେ ।

୨

ମିଳନ୍ଦ ରୂପେ ମୁଁ          ଉଡ଼ି ବୁଲୁଅଛି
ଫୁଟୁ ନାହିଁ ତ ରେ କମଳକଳି,
ଫୁଟିଲେ କଳିକା          ଭାବ-ମଧୁ ଆଶେ
ଉଡ଼ିଯିବ ନଷ୍ଟେ ତା ପାଶେ ଅଳି ।
ନିର୍ନିମେଷ ନେତ୍ରେ          ବକ ରୂପେ ମୁହିଁ
ରହିଁ ବସିଅଛୁ ସରସୀତରେ,

# ଶୋଭା ।

ଚରାଚର ବିଶ୍ୱରାଜ୍ୟ ଶୋଭାର ସାଗର,
କେବଳେ ଭି ଶୋଭା-ବୀଚୀ ଖେଳେ ନିରନ୍ତର ।
ଯହିଁ ଦେଖ ନାରେ ତହିଁ ମଧୁର ସୁଷମା,
ନୀରବେ ଗାଇଣ ଶୋଭା-ଗୀତ ନିରୁପମା ।
ଶୋଭାପୂର୍ଣ୍ଣ ଅନସ୍ୱର ମୁହୂର୍ତ୍ତ-ନୂତନ,
ଅନନ୍ତ ଶୋଭାର ଧ୍ୱଜା ଉଡ଼ାଏ କାନନ ।
ମାନବର ମତି, ଗତି, ନୟନେ ଅବର
ଛନ୍ଦେ ଯେଣୁ ଦୃଢ଼େ ଶୋଭା ସେହି ତ ନିକର ।
ଅଛି ଏକ ଶୋଭା ବସେ ମାନବ-ମାନସେ,
ଶୋଭାପାୟୀ ଭେଦ ପାରେ ସେ ଶୋଭା ରହସ୍ୟେ ।
ଅଶୋଭାର ଶୋଭା ସେହୁ-ଶୋଭା ସ୍ୱର୍ଣ୍ଣଉତ୍ସ,
ଆନ ଯେତେ ଶୋଭା ସର୍ବେ ତୁଳନାରେ ତୁଚ୍ଛ ।
ସେହି ଶୋଭା ଉପଭୋଗ କରେ ଯେଣୁ ପ୍ରାଣେ,
ପ୍ରକୃତ ସେ ଶୋଭା-ଭକ୍ତ, ଶୋଭା ମୂଲ୍ୟ ଜାଣେ ।

# ଭାବ-କାସାର ।

୧

ବକ୍ଷେତ ଅଗ୍ରେ ଅହୋ କ ପ୍ରକାଣ୍ଡ
ସାରସ୍ୱତ ରମ୍ୟ ଭାବ-କାସାର,
ଅମଳ-କଳ୍ପନା- କମଳ-କଳକା
ଭାସୁଛି ଅଗଣ୍ୟ ବକ୍ଷେ ତାହାର ।
ପୁଚ୍ଛ ଦହାଲଣ ବୁଲୁଛନ୍ତି କେତେ
ଭାବ-ମୀନ ଆହା ଅତଳ ଜଳେ,
ଉଠି ଉପରକୁ ବୁଡ଼ି ଯାଉଛନ୍ତି
କେତେ ମୀନେ ପୁଣି କେତେ ଚଞ୍ଚଳେ ।

୨

ମିଳନ୍ଦ ରୂପେ ମୁଁ ଉଡ଼ ବୁଲୁଅଛି
ଫୁଟୁ ନାହିଁ ତ ରେ କମଳକଳି,
ଫୁଟିଲେ କଳକା ଭାବ-ମଧୁ ଆଶେ
ଉଡ଼ିଯିବ କଷ୍ଟେ ତା ପାଶେ ଅଳି ।
ନିର୍ନିମେଷ ନେତ୍ରେ ବକ ରୂପେ ମୁହିଁ
ରହିଁ ବସିଅଛି ସରସୀତଟରେ,

କୂଳକୁ ନ ଆସି ଭବ-ମୀନଦଳେ
ଖେଳ ବୁଲୁଛନ୍ତି ଅଗାଧ ଜଳରେ ।

୩

ଫୁଟିବ ଅବଶ୍ୟ କମଳ-କଳିକା
ଭବ-ସୂର୍ଯ୍ୟ ଯେବେ ହେବେ ଉଦୟ,
ଆଶା-ତରୁ ମୋର କୁସୁମିତ ହେବ
ଆସୁଛି ଧାଇଁ ସେ ଶୁଭ ସମୟ ।
ଭ୍ରମବଶେ ନଷ୍ଟେ ଦଳେ ଖେଳେ ମୀନେ
କୂଳରେ ଯିବେ ମୋ ହାବୁଡ଼େ ପଡ଼,
କୁସୁମିତ ତରୁ ଫଳବନ୍ତ ହୋଇ
ଫଳ ଘାତ ଦଳେ ପଡ଼ିବ ଝଡ଼ ।

# ବନ ।

ବନ ସମ ଶାନ୍ତ ସ୍ଥଳ ଆଉ ନାହିଁ,
ତା ତୁଲ୍ୟ ନିର୍ଜନ ଭୂମି ଅଛି କାହିଁ ?
ଉଦାସୀନ ଭାବ ଉଠଇଁ ଜନ୍ମେ ଜବେ,
ବିଳାସ ବାସନା ଲୀନ ତା ସଂଶ୍ରବେ ।
ହତାଶ ସଂସାର ଯାତ୍ରୀ ପକ୍ଷେ ଆନ
ନାହିଁ ଭବ ମଧ୍ୟେ ତା ସମାନ ସ୍ଥାନ ।
ଅହା ସେ ସାମ୍ୟଦ ଅଟଇ ପ୍ରଦେଶ
ତପସ୍ୟାଶ୍ରମର ନିର୍ଦ୍ଦିଷ୍ଟ ନିବେଶ ।
ଅଟେ ଏ ପବିତ୍ର ସମଦର୍ଶୀ ବନ,
ତା ଆଶ୍ରିତ ଜୀବ ନିଶ୍ଚେ ଅଟେ ଧନ୍ୟ ।
ତାହା ସ୍ନେହାକର୍ଷେ ବନ୍ୟ ଜନ୍ତୁ ନାମେ
ଅଛନ୍ତି ପ୍ରାଣୀଏ ସ୍ୱତନ୍ତ୍ର ଆଶ୍ରମେ ।
ଯେ ବନ ପ୍ରକୃତି ଦେବୀ କ୍ରୀଡ଼ାସ୍ଥଳୀ,
ତା ମହିମା ସୀମା ପାରିବ କେ କଳି ?
ଅରଣ୍ୟେ ନିର୍ମିତ କୁଟୀର ନିବାସ
ସୌଧ-ଭୋଗ-ରୋଗ କରିଦିଏ ନାଶ ।
ଧନ୍ୟ ତା ଔଦାର୍ଯ୍ୟ, ଐଶ୍ୱର୍ଯ୍ୟାଦି ଧନ୍ୟ,
ତା ବିନା ସାଧନା ପୀଠ ନାହିଁ ଅନ୍ୟ ।

# ଭବପ୍ରବେଶୀ ପ୍ରତି ।

ସଂସାର କ୍ଷେତ୍ରରେ ଜୀବନ ଯାତ୍ରାର
ଯାତ୍ରୀ ହେବା ଅକାରଣ,
ପାର ନାହିଁ ଯଦି କହି ସୁବଚନ
ତୋଷିବାକୁ ଲୋକ ମନ ।
ଅନ୍ୟର କଥାରେ ଧରେ କୁଭାବ କି
ସେହୁ ପ୍ରକୃତ ବାନ୍ଧବ,
ବନ୍ଧୁର ସମ୍ପଦେ ବିପଦରେ କରେ
ସମ ଭାବ ଅନୁଭବ ।
ଉପଳ କଠିନ ନୀରସ ହୃଦୟ
ସୁରସାଳ ସୁକୋମଳ—
କରଣେ ବିନୟ ବଚନ-ଅମିୟ
ବିନା ତ ନାହିଁ ସମ୍ବଳ ।
ବୃଥା କଥାଦ୍ୱାରା କ୍ରମାଗତ ଜିହ୍ୱା
ହୁଏ ସ୍ୱାଦୁରୁ ଚ୍ୟୁତ,
କେବଳ ସୁଶିକ୍ଷା ବଳ କଳ ବଶେ
ହୁଏ ସିନା ସଂଯମିତ ।

ଚରିତ୍ର ଗଠନ        ସଂଯମଶିକ୍ଷାର
ଅଟଇ ମୂଳ କେବଳ,
ତାହା ବିନା ତରି        ନାହିଁ ତରିବାକୁ
ଏ ଭବସାଗର ଜଳ ।
ନିଜ ରସନାର        ମିଷ୍ଟ ବାକ୍ୟ ଯୋଗେ
ସୃଷ୍ଟ ହୋଇ ପାରେ ସୁଧା,
ଅନ୍ୟଥା ତାହାର        କୁବାକ୍ୟେ ଗରଳ
ଜାତ ହୋଇଥାଏ ସୁଦ୍ଧା ।
ଖଳ ଜନଙ୍କର        କୁତ୍ସିତ ରଚନା
ଗର୍ହିତ ଯହିଁ ଅନୃତ,
ତହିଁର ଉଦ୍ଭୂତ        ଶକ୍ତିବଶେ ବିଷ—
ଭବକୁ ଭଲେ ଅମୃତ ।

# ବଡ଼ଲୋକ ।

ଧନୀ ମାନେ ବଡ଼ଲୋକ ବୋଲନ୍ତି ସଦାରେ,
ମୂଲ୍ୟହୀନ ଉକ୍ତି ଏହୁ ଅଟେ ମୋ ବିଚାରେ ।
ଧନୀ ହେଲେ ବଡ଼ଲୋକ ହୋଇବ କପର,
ଖେଡାଏ ହୁଅନ୍ତି ଧନୀ ଧନର ପ୍ରଭବ ।
ଅଛନ୍ତି ଅନେକ ଧନୀ କାଣ୍ଡଜ୍ଞାନଶୂନ୍ୟ,
ଏକାବାର ସେମାନଙ୍କ ନେବେ ପାପ ପୁଣ୍ୟ ।
ଏହିପରି କେତେ କେତେ ଅକାଳକୁଷ୍ମାଣ୍ଡେ
ନାହାନ୍ତି ଅଭାବ ଏହି ଅନନ୍ତ ବ୍ରହ୍ମାଣ୍ଡେ ।
ପାର୍ଥିବ ଧନରେ ବଡ଼ ହୁଏ ନାହିଁ କେହି,
ଯେହୁ ଉପାର୍ଜିବେ ଧନୀ ବଡ଼ଲୋକ ସେହି ।
ନୁହେଁ ବଡ଼ ଯାର ଅଛି ଅପ୍ରମିତ ଧନ,
ବଡ଼ଲୋକ ସେହି ଏବା ବଡ଼ ଯାର ମନ ।
ସଂସାରରେ ବଡ଼ ହେବା ବିଷମ ବ୍ୟାପାର,
ବିଶ୍ୱେ ଯେ ଅପ୍ରମତ୍ତ ବଡ଼ ନାମ ତାର ।
କାମ, କ୍ରୋଧ, ଲୋଭ, ମୋହ ଆଦି ରିପୁଚୟ
ଜ୍ଞାନ ବଳେ ଯେଉଁ ଲୋକ କରିଅଛି ଜୟ,

ହିତାହିତ ନ୍ୟାଯ୍ୟାନ୍ୟାଯ୍ୟ ଯେ କରେ ବିଚାର,
ଭବ-କର୍ମକ୍ଷେତ୍ରେ କର୍ମେ ଉନ୍ନତି ଯାହାର,
ସତ୍ୟପଥୁଁ ବିଚଳିତ ନ ହୁଏ ଯେ ଜନ,
ସମାନ ଚକ୍ଷୁରେ ଦେଖେ ଧନୀ ଦୁଃଖିଗଣ,
ଧର୍ମର ମାହାତ୍ମ୍ୟ ଭବେ ଯେ କରେ ବର୍ଦ୍ଧନ,
ସଦାଗ୍ୟରେ ରତ ସଦା ଥାଏ ଯାର ମନ,
ସେହି ଅଟେ ଭଦ୍ରଲୋକ ଏ କଥା ନିହିତ,
ସେହିପରି ଭଦ୍ରଲୋକ ହେବାର ଉଚିତ ।

# ବସନ୍ତ ସୁଷମା ।

(ବନଇ ନର୍ତ୍ତ୍ୟ ଶ୍ରୀଜଗନ୍ନାଥ ବୃତ୍ତରେ)

କି ରଙ୍ଗେ ବାସ— ହାନ ପଲାଶ
କୁସୁମ ରଙ୍ଗେ ମଣ୍ଡିତ,
କିବା ବାସନା କରି କଳ୍ପନା
ତପେ ଅଛୁ ନଯ଼୍ୟୋଜିତ ।
କୋକିଳ କଣ୍ଠ ବାଜଣା ପଞ୍ଚ
ପ୍ରକୃତି ଦେବୀ ଅର୍ଚ୍ଚନା,
ବନ ପ୍ରଦେଶେ ସ୍ଥଳ ବିଶେଷେ
ଜଣାଇ ଦିଏ ସୂଚନା ।
ମଧୁ ମାସର ମଧୁପ୍ରଙ୍କର
ମଞ୍ଜୁଷୀ ବାଜେ ଗହଳ,
ବାସନ୍ତୀ ରାଣୀ ଆସିବା ଜାଣି
ପଡ଼ିଛୁ କିବା ଚହଳ !
ଲତା ବେଷ୍ଟିତ ତରୁ ପୁଷ୍ପିତ
ପତ୍ରଯୁତ ତରୁତତି
କିବା ବାସନ୍ତୀ ରାଣୀ ସମ୍ପତ୍ତି
ରତ୍ନମୟ ରଥପନ୍ତି !

ନାଗ କେଶର ତମାଲବର
ବେନ ରଜା ପାଟଛତ୍ର-
ପାଶେ ନିଃଶଙ୍କେ ମହାପୁରକେ
ଉଡ଼ ବୁଲେ ପ୍ରଜାପତି ।
ବାସନ୍ତୀ ରାଣୀ ପ୍ରବେଶ ବାଣୀ
ସୂକ୍ଷ୍ମ ମର୍ମରବେ ଜାଣି
ମୃଦୁ ପବନେ ତୃପ୍ତି ସାଧନେ
ବିମୋହିତ ଅରଣ୍ୟାନୀ ।
ଶୀତ ତନ୍ଦ୍ରରେ ଅଚେତନରେ
ରହିଥିଲୁ ବସୁନ୍ଧରା,
ବସନ୍ତ ସ୍ପର୍ଶେ ଏବେ ସେ ହର୍ଷେ
ଜାଗ୍ରତେ କାର୍ଯ୍ୟେ ତତ୍ପରା ।
ଜୀର୍ଣ୍ଣ ନିରସ୍ତ ପାଇ ଅବସ୍ଥ
ହେଲେ କ୍ରମେ ପଲ୍ଲବିତ,
ମାତ୍ର ସହସା ଜୀର୍ଣ୍ଣଙ୍କ ଦଶା
ଲଭି ବଂଶ ବଂଶ ଖ୍ୟାତ ।
ଜାଣି ନୁହଇ କେ ପାରେ କହି
ଭାଗ୍ୟର ବିଚିତ୍ର ଗତି,
ସେ ଚକ୍ରବତ ସୂତ୍ରେ ନିରତ
ଅଶ୍ରାନ୍ତ ତାର ନିୟୁକ୍ତି ।

# ସ୍ୱପ୍ନ ।

ଉଷାରାଣୀ ସମାଗମେ   ଅହା କି ସୁଖ ସ୍ୱପନ,
ଅପୂର୍ବ ରୂପ ଦର୍ଶନେ   ଲଭିଲା ଆନନ୍ଦ ମନ ।
ଚନ୍ଦ୍ରା ଆକୁଳିତ ଚିତ୍ତ   ସଦା ଥିଲା ଅପ୍ରସନ୍ନ,
କି ଅପୂର୍ବ ଭାବ ଆସି   ପଶିଲା ହୃଦେ ବହନ ।

ପ୍ରକୃତିସୁନ୍ଦରୀ କି ସେ   ବିଜନରେ ଅତୁଳନ
ସୁକ ଶାଖରେ ଗଲା କି   ପ୍ରେମମୟ ନିକେତନ !
କିଏ ତୁମ୍ଭେ ଅକଳଙ୍କ   ଶଶାଙ୍କବଦନୀ ଆସି
ବିଜନ ହୃଦୟ-ବନେ   ପଶି ତୋଷିଲ କି ଭାଷି ?
ସୁପବିତ୍ର କଳେବର   ଛୁଇଁବାକୁ ପ୍ରେମଭରେ
ହୋଇ ମୁଁ ଚେଷ୍ଟିତ ହେଲି   ନିକ୍ଷେପିତ ଜାଗ୍ରତରେ ।
ଏକାକିନୀ ସନ୍ନ୍ୟାସିନୀ   ରୂପେ ରୂପସୀ ବିମଳେ
ଛଡ଼ି ଦେଇ ଏତେ ଦିନେ ଦେଖାଦେଲ କି କାରଣେ ?
ତବ ଦେହ ବିନିଃସୃତ   ବାସିତ ମଳୟବାୟୁ
ମୃତ ଦେହେ ଦେଲା ଆଣି   କାହିଁ ଦୀର୍ଘ ପରମାୟୁ ।

ଆନନ୍ଦ ବିଷାଦ ଏକେ   ଉଭୟ ମିଳନ ହବେ,
ମଳିନ ବଦନ ପୁଣି   ମଳିନ ନେତ୍ର ସ୍ୱଭାବେ ।

ଚିତ୍ରିତ ବିଚିତ୍ର ପ୍ରେମ ଛବି ହୃଦୟ ପଟରେ,
ରହିଛି କେମନେ ଧୌତ ନୋହୁ ଚକ୍ଷୁ ଲୋତକରେ ।
ଅଟେ ସଞ୍ଜୀବନୀ ସୁଧା- ମଧ୍ୟ ତବ ହୃଦସ୍ଥଳ
ତବ ପ୍ରେମ ପୀୟୂଷରେ ପାଇଛନ୍ତି ସମୂଳ ଫଳ ।
ଆଜ ଏହି ହୀନ ଜନ ମୃତ ସନ୍ନିଭ ଜୀବନ
ବଞ୍ଚାଇ ରଖିଲ ମୋତେ ଦେଇ ଶୁଭ ଦରଶନ ।
ଯେଉଁ ପରାଣ ସୁରକ୍ଷା ପାଇଁ ଦେଇଅଛ ଦେଖା,
ରହିବ କି ତାହା ଆଉ ତବ ବିନା ହୋଇ ଏକା ।

# କୁସୁମ ।

କମନୀୟ କାନ୍ତି ତୋର ହେଉ ରେ ସୁମନ,
ଆନନ୍ଦେ ଆପ୍ଲୁତ ଶୋଭା-ପିପାସିତ ମନ ।
କି ସ୍ୱର୍ଗୀୟ ରତ୍ନେ ତୁହି ଆବରନ୍ତୁ ଦେହ,
ତୋତେ ଦେଖିବାକୁ ସଦା ବଳେ ଶୁଦ୍ଧ ସ୍ନେହ ।

ଈଶ୍ୱର ସମ୍ବଳ ତୁହି ଭକ୍ତର ଜୀବନ,
ମୁନି ମନ-ବିମୋହନ ତୁହି ରେ ସୁମନ ।
ବାଳକ ବାଳିକାକୁଳ କ୍ରୀଡ଼ା ଗଣ୍ଠିଧନ,
ତୋତେ ହେରି ହୁଅନ୍ତି ସେ ଆନନ୍ଦେ ମଗନ ।

ଯୁବକ କୁଳର ତୁହି ଆଗ୍ରହ ସମ୍ବଳ,
ସୁନ୍ଦରୀର ଅଳଙ୍କାର ସୁନ୍ଦର ସରଳ ।
ବାତ୍ସଲ୍ୟ କରୁଣା ଭକ୍ତି ପ୍ରୀତି ପୁଣ୍ୟ ଭାବ
ଜୀବନେ ସୁମନ ତୋର ନାହିଁ ରେ ଅଭାବ ।

ମଧୁ ମକରନ୍ଦେ ତୋର ମୁଗ୍ଧ ମଧୁବ୍ରତ,
ମଧୁର ସୁଗନ୍ଧେ କଲୁ ମୋହିତ ଜଗତ ।
ଏଥିରେ ତୁ ଶିକ୍ଷା ଦେଉ ବସୁବାସିଗଣେ,
ମୋହ ପର ସର୍ବପ୍ରିୟ ହୁଅ ଅନୁକ୍ଷଣେ ।

ତେବେ ସିନା ହେବ ସାର୍ଥ ମାନବ ଜୀବନ,
ନତୁ ଅକାରଣ ଭବେ ଜୀବନ ଧାରଣ ।
ନିଜ ଗୁଣେ ଆକର୍ଷଇ ଯେତୁ ଜନ ମନ,
ସେହି ଏକା ଏ ଜଗତେ ସମ୍ମାନ ଭାଜନ ।
ପଙ୍କଜ ପ୍ରଭାତେ ଯେବେ ମୃଦୁ ମୃଦୁ ହସି
ଖେଳନ୍ତି ସମୀରଣ ସଙ୍ଗ ବୃନ୍ତାସନେ ବସି,
ସେ କାଳ ଶୋଭାକୁ ତୋର କି ଦେବି ତୁଳନା,
ସେ ଶୋଭା ତୁଳନା ସିନା ବଳଇ କଳ୍ପନା ।
କି ବର୍ଣ୍ଣିବି କୁସୁମ ରେ ତୋହର ମହିମା,
ପିପୀଲିକା କଳିବ କି ଧରଣୀର ସୀମା ।
ରୂପ ଗୁଣ ବେନି ଯୋଗେ ଧନ୍ୟ ତୁ ଧରାରେ,
ଦୁର୍ଲଭ ଯେ ଗୁଣଦ୍ୱୟ ନରେ ଏକାଧାରେ ।
ମୁହୂର୍ତ୍ତକେ ତୋର ତନୁ ପଡ଼ିଯାଏ ଫିକା,
ଫିକା ପଡ଼ିଯାଏ ଯଥା ପ୍ରାତେ ଦୀପ ଶିଖା ।
ମୁହୂର୍ତ୍ତକ ପରେ ତୁହି ଶୁଖିଯିବୁ କାହିଁ,
ପ୍ରପଞ୍ଚ ସଙ୍କେତେ ଭବେ ସ୍ଥାୟୀ କେହି ନାହିଁ ।

# ଦୁଶ୍ଚିନ୍ତା ।

ମଣୁଥିଲି ଯାକୁ   ସ୍ୱର୍ଗସମ ସୁଖ,
ଲୁଚିଲା ସେ କାହିଁ   ଦେଖାଇଣ ମୁଖ ।
ଏଣିକି ଏ ଦୁଃଖ   ହେବ ଚିରସ୍ଥାୟୀ,
ପଛେ ପଛେ ଲାଗି   ଥିବ ଯଥା ଛାଇ ।

ଦୁରାଶା-ବାହନେ   ଭ୍ରମି ଲୋଡ଼ୁ ସୁଖେ
ସଖାହେ ବରଣ   କଲି ଚିର ଦୁଃଖେ ।
ବାନ୍ଧି ବୃଥା ଆଶା   ହତାଶ ଜୀବନେ
ଠାବ ଦେଲି ଚିନ୍ତା-   ଦାବେ ହୃଦ-ବନେ ।

ସେ, ଚିନ୍ତା ଅନଳ   ଔଜଲ୍ୟ ଜ୍ୱଳନ୍ତ,
ଦୀପ୍ତ ଦୀର୍ଘ ଶିଖା   କରେ ସନ୍ତାପିତ ।
ପୂର୍ଣ୍ଣତାର ଯାଇଥିଲେ ଅବସର
ଚିନ୍ତା ସେ ପୂର୍ଣ୍ଣ   କେବଳେ ହରିବର ।

ଛଡ଼ ନାହିଁ ସେହୁ   କାହାକୁ ଜଗତେ,
ରଖିଛୁ ସକଳେ   ଅପଣା ଅଯୃତେ ।
ଯୋଗୀ ଭୋଗୀ ରଙ୍କ   ସଭିଙ୍କ ହୃଦୟ
ଅଟେ କୁଚିନ୍ତାର   ବିଶାଳ ଆଳୟ ।

ପ୍ରାଣେ ଥାଉ ଥାଉ  ଦହିବା ଶକତି,
ନାହିଁ କାର ଆଉ  ଏଡ଼େ ବଳବତୀ ।
ନାହିଁ ତା ଭିଜନା  ବୋଲି ବଡ଼ ସାନ,
ସର୍ବ ହୃଦେ ଜଳେ  ପ୍ରଜ୍ଜ୍ୱଳି ସମାନ ।

ଜୀବନେ ସେ ଚିନ୍ତା  ଅଟେ କି ଦୁର୍ବାର,
ହାବୁଡ଼ରୁ ତାର  ନାହିଁକ ନିସ୍ତାର ।
ବିଷ୍ଟୂଜ୍ୱର ଚିନ୍ତା,  ମାନବ ପରାଣେ
କରାଏ ସାକ୍ଷାତ  ଅନ୍ତିମ ପ୍ରୟାଣେ ।

# ଖଳ ।

ଖ୍ୟାତ ପଞ୍ଚଭୂତେ ସୃଷ୍ଟ ସକଳ ମହୀରେ,
ଖଳକୁ ସୃଜଲେ ବିଧି କେ ଜାଣି କାହିଁରେ ।
ଯେଉଁ ଜନ ନ ଗାଏ ସେ ପରଦୋଷ-ଗୀତା,
ସେ ଜନ ଅମୃତ ଖାଦ୍ୟ ଲାଗେ ତାକୁ ପିତା ।
ଉଡ଼ିଯାଏ ସର୍ପ ବିଷ ପଦ ଗଦ ବଳେ,
ଖଳର ଔଷଧ ମାତ୍ର ନାହିଁ ଭୂମଣ୍ଡଳେ ।
ବନ୍ୟ ହିଂସ୍ର ଜନ୍ତୁ ହୁଏ ସ୍ନେହେ ବଶୀଭୂତ,
ଖଳର ପ୍ରକୃତି କିନ୍ତୁ ଅଦ୍ଭୁତ ଅଦ୍ଭୁତ ।
ଦୁଗ୍ଧ ପାନ କଲେ ସେହୁ ଉଗାରେ ଗରଳ,
ଶ୍ୱାନ ପୁଚ୍ଛ ପ୍ରାୟ କେବେ ନ ହୁଏ ସରଳ ।
କି ରସରେ ରସାଣିଛି ବିଧି ତା ରସନା,
କାଠବେଧ୍ୟ(୧) ଧାନୁଅ ଲଙ୍କା ନୁହେ ତା ତୁଳନା ।
ଖଳଗୁଣ ଅନୁଭବ ଭଞ୍ଜକୁଳ-ରବି
ଭଦ୍ରା ପରିଣୟ କାବ୍ୟ (୨) ଗାଇଛନ୍ତି କବି—

(୧) କଣ୍ଟାରେ ।
(୨) ସୁଭଦ୍ରାପରିଣୟ କାବ୍ୟ ।

"ସ୍ୱଭାବେ ଖଳ ଉଲୂକ ଏକ ଏହୁ ବେନ,
ସନ୍ତୋଷ ସେ ଦୋଷୋଦୟ ଦୋଷୋଦୟ ଯେଣ ।" (୧)

ଆଉ ସେ ବର୍ଣ୍ଣନା ଏବେ କହୁଗଲ ଠିକେ,
ପଙ୍କକୁ ଘାଣ୍ଟିଲେ ତାହା ଉପରେ ଛୁଡ଼କେ ।

---

(୧) ଦୋଷା (ଅନ୍ଧକାର ରାତ୍ରି) + ଉଦୟ = ଦୋଷୋଦୟ (ପେଚକ ପକ୍ଷରେ) ଦୋଷ + ଉଦୟ = ଦୋଷୋଦୟ (ଖଳପକ୍ଷରେ), ବର୍ଣ୍ଣଶ୍ଳେଷ ଅଳଙ୍କାର ।

## ଅନୁତାପ ।

ଏକାନ୍ତରେ ବସି କାନ୍ଦେ ମୁହିଁ ଅହା,
ଦୀର୍ଘ କାଳ ହେଲା ନୋହୁଥିଲା ଯାହା ।

ପ୍ରେମାଶ୍ରୁ ବାରଣେ ମୋ ନେତ୍ର ଯୁଗଳ
କଁପା ହେଲା ଏବେ ଅକ୍ଷମ ଦୁର୍ବଳ ।

ଯେତେ ଦୂରେ ମୁହିଁ କଲେହେଁ ଭ୍ରମଣ,
ନୁହନ୍ତି ମୋ ବନ୍ଧୁମାନେ ବିସ୍ମରଣ ।

ନୁହେ ଏହା ଚର ସୁଖୀର ଲକ୍ଷଣ,
ଅଲକ୍ଷିତ ଭାବେ ବ୍ୟର୍ଥ ପର୍ଯ୍ୟଟନ ।

ମୋର ଆଗମନ ପାଇଁ କଏ ଆଉ
ଅପେକ୍ଷା କରବ ଅପି ଅବା କାହୁଁ ?

# ଶଯ୍ୟା ।

ନ ବୁଝି ମୂର୍ଖ ରେ ରୋଗ-ଶଯ୍ୟା ତୋର ଗୁଣ,
ବହୁ ଥିଲି ମନେ ସିନା ମୋ ପ୍ରତି ବିଗୁଣ ।
ରୋଗାକ୍ରାନ୍ତ ହେଲବେଳେ ଅଦ୍ଧା ଦିନ ରାତି,
ଥାଉ ପ୍ରିୟଜନଙ୍କୁ ଭଟେବ ପ୍ରସାର ତୁ ଛାତି ।
ହେଲ୍ଲ କାଳେ ତୋ ବକ୍ଷରେ ଶୋଇ ଛଟପଟ
ଅତ୍ୟୋକ୍ତ ବିରାଗ ତୁ ନ କରୁ ପ୍ରକଟ ।
ନୀରବରେ ନରେ ଦେଇ ଉଚ୍ଚାଶୟ ଶିକ୍ଷା,
ପୁଣି ଗୁରୁପ୍ରେ ଦୀକ୍ଷାଦାତା ରୂପେ ଦେଉ ଦୀକ୍ଷା ।
ତୋହର ପର ହିତକାରୀ ସଖା ନାହିଁ ଆଉ,
ସୁଖେ ଦୁଃଖେ ପଲଙ୍କେ ବା ତଳେ ପଡ଼ିଥାଉ ।
ରୋଗୀ ଭୋଗୀ ସଂସ୍ରବରୁ ହେଲେ ତୁ ଦୂଷିତ,
ତଥାପି ପରୋପକାରୁ ଅଟୁ ପ୍ରଶଂସିତ ।
ନରସେବା ଜୀବନର ତୋର ଚରିତ୍ର,
ହୃଦୟ ଉଦାର ସ୍ନିଗ୍ଧ ପବିତ୍ର ମହତ ।
ସାମ୍ୟ ମୈତ୍ରୀ ଗୁଣେ ତୋର ହୋଇ ଆକର୍ଷିତ
ହୁଅନ୍ତି ମାନବେ ସୁଖେ ଦୁଃଖେ ତୋ ଆଶ୍ରିତ ।

ହରୁ ରୁଦ୍ର ସମସ୍ତଙ୍କ ଅବସାଦ ନାଶ,
ଅଣି ଦେଉ ଅଯାଚତେ ସୁଖ ଶାନ୍ତି ପ୍ରୀତି ।
ହେବେ ସମଦର୍ଶୀ ଭାବେ ତୁ ସଦା ମଣ୍ଡିତ,
ଏଣୁ ତୋର ଅଙ୍କାଶ୍ରୟୁ ନୁହେ କେ ବଞ୍ଚିତ ।
ମାନ ତୋ ସୁଖେ ସୁଖଦ, ଦୁଃଖେ ଦୁଃଖପ୍ରଦ—
ଛାର ଭାବ ଭାବ ହୃଦ ନ ହୁଏ ବିଶଦ ।
ସଙ୍ଗଗୁଣେ ରୋଗ ତଳୁ ଭୋଗତଳୁ ଦୂର,
ନାମେ ଅଭିହିତ ହୋଇ ପ୍ରକାଶିତ ତୁହି ।
ରେ ମୋ ଭଲୁ ମୋର ସ୍ପର୍ଶେ ରୋଗ ତଳାଖ୍ୟାନ,
ଲଜ୍ଜ ନ କର ମୋ ହୃଦେ ଚିର ଅବସ୍ଥାନ ।

# ମନ ପ୍ରତି ।

ସଂସାରେ ଯେତେ ନର   କେହି ନୁହେ ଅମର
ଯମତନ୍ତ୍ର ମରଣର ବଶ,
ବାଲ୍ୟରେ ଯୌବନରେ   ଅବା ବୃଦ୍ଧ କାଳରେ
ଘଟିବ ମରଣ ଅବଶ୍ୟ ରେ ମୂଢ଼ ମନ ;
ସର ଯାଉଛି ଦିନ ଯେତେ,
କାଳ ସମୀପ ହୁଏ ତେତେ,
ଅଟେ ମୃତ୍ତିକା ଘଟ   ସର ରେ ଏହୁ ଘଟ
ରହିବ ସିନା ଦିନ କେତେ ରେ ମୂଢ଼ ମନ । ୧ ।
ପ୍ରୋଥିତ କାଷ୍ଠବାଡ଼   ସର ରହିଛି ହାଡ଼
ନାଡ଼ି ଦଉଡ଼ିର ବନ୍ଧନେ,
ମୃତ୍ତିକା ସମ ମାଂସ   ଆବୃତ ଦେହ ବାସ
ରହିଛି ତ୍ୱକ ବିଲେପନେ ରେ ମୂଢ଼ ମନ ;
ଉନ ଷଢ଼ ଧାଠକ ସ୍ଥିତ,
ଘର ଜୀବାତ୍ମାର ଅଛିତ,
ପାଞ୍ଚରେ ସେ ନିର୍ମିତ   ପାଞ୍ଚରେ ସେ ମିଶ୍ରିତ
ହୋଇଯାଏ ଶେଷେ ବିଗଳ ରେ ମୂଢ଼ ମନ । ୨ ।

ଏ କଳେବର ରଥ ଜୀବାତ୍ମା ରଥୀ ବତ
ତାର ଇଚ୍ଛା ଅଟେ ସାରଥୀ,
ଚଳାଏ ସେ ଯେମନ୍ତ ଚଳେ ରଥ ତେମନ୍ତ
ନାନାରୂପରେ କର ଗତ ରେ ମୂଢ଼ ମନ ;
ସୁଖ ଦୁଃଖ ଚକ୍ର ଉଭୟ,
ଯୁଗ୍ରେ ନିରତ ନୋହି ଥୟ,
ଚିନ୍ତା ଆଶା ଏ ଦ୍ଵୟ ସେହି ସ୍ୟନ୍ଦନ ହୟ
ତୃଷ୍ଣା କୋରଡ଼ା ବାଗ ଭୟରେ ମୂଢ଼ ମନ ।୩।
କୁମାର ଯୌବନହିଁ ତା ପରେ ବୃଦ୍ଧ ତହିଁ
ତିନ ବିଟିବ ଟିବରଙ୍ଗ,
କାଳବଶରେ ଏକ ଗଲେ ଆସେ ଆରେକ
ନ ଥାଏ ପରସ୍ପର ସଙ୍ଗ ରେ ମୂଢ଼ ମନ;
ସଂସାରେ ଦେହ ରଥଜାତ,
କର ପରମ ଜଗନ୍ନାଥ,
ଯାତ୍ରା ଶେଷେ ସ୍ୟନ୍ଦନ ତ୍ୟାଗ କର ବହନ
ଗମନ୍ତ ଯଥା ତର ପାନ୍ଥ ରେ ମୂଢ଼ ମନ । ୪ ।

# ଦୂର୍ବା ।

୧

ଦୂର୍ବା, ତୃଣ ମଧ୍ୟେ ହେଲେ ତୁ ସାନ,
ମାତ୍ର ଅତିଶ୍ଳାଘ୍ୟ ତୋର ସମ୍ମାନ,
ନମ୍ରତା ଗୁଣ ଅନୁକରଣୀୟ
ପୁଣି ଅଟେ ମୁଖ୍ୟ ସ୍ପୃହଣୀୟ,
କେ ଅଛି ତୋ ସମ,
ତୁ ତ ସ୍ୱଭାବ ଗୁଣେ ନିରୁପମ ।

୨

ଯେବେ ଝଟିକା ବହଇ ପ୍ରବଳେ,
ଗର୍ବ ଭାବ ଶକ୍ତ ବୃକ୍ଷ ଚପଳେ
ନମ୍ରଭାବେ ଲୋଟି ପଡ଼ଣ ତଳେ
ନ ଉପୁଡ଼ି ବଞ୍ଚି ଯାଉ କୌଶଳେ,
ନମ୍ରତା ହୀନରୁ
କ୍ଳେଶ ଭୋଗନ୍ତି ବଡ଼ ବଡ଼ ତରୁ ।

୩

ବୁଝିନ୍ତୁ ଲୋକେ ନମ୍ରତାର ମୂଲ୍ୟ,
ନ ବୁଝନ୍ତି ଯାହା ନରେ ତୋ ତୁଲ୍ୟ,

କେତେ ଭିନ୍ନ ଗୁଣ ବିଚିତ୍ର ଲେଖା,
ସ୍ୱଭାବ ବଶେ ଯାଉଅଛି ଦେଖା,
ଏ ଭବ-ଅଟବୀ
ମଧ୍ୟେ ଅଛି ନାନା ସ୍ୱଭାବ ଛବି ।

୪

ବିପଦେ ସମ୍ପଦେ ନମ୍ରତା ଗୁଣ
ସକଳ କାର୍ଯ୍ୟେ କରାଏ ନିପୁଣ,
ଅନେକରେ ଶତ୍ରୁ ମାନ୍ତି ଭାବରେ
ଅନତ ହୋଇ ରହେ ସମ୍ମୁଖରେ,
ସେ ନମ୍ରତାଗୁଣ
ନ ଘଟେ ସମସ୍ତ ସୌଭାଗ୍ୟେ ପୂର୍ଣ୍ଣ ।

୫

ଅନେକରେ କେତେ କେତେ ଅସାଧ୍ୟ
କାର୍ଯ୍ୟମାନ ହୋଇ ଯାଏ ସୁସାଧ୍ୟ,
ସେ ଗୁଣ ପ୍ରକୃତ ତତ୍ତ୍ୱ ସାଧିତ
କରି ସବୁ କରାଏ ପ୍ରକଟ,
ସେ ଗୁଣ ସୌଜନ୍ୟ
ଘଟେ ଯାହା ଭାଗ୍ୟେ ଅଟେ ସେ ଧନ୍ୟ ।

# ଦାରିଦ୍ର୍ୟ ।

୧

ରେ ଦାରିଦ୍ର୍ୟ ନାହିଁ କେହି ତୋ ପରି ହତାଶୀ,
ତୋହ ଲାଗି ହୀନା ନରେ ବୋଲନ୍ତି ଉପାସୀ,
ଏକ ଯେ ମୁକୁଟଧାରୀ,
ହୁଏ କାଲି ଅହା ସେହୁ କୁଟୀରବାସୀ ।

୨

ସଜ୍ଜନ ତୁ ପରିଚିତ ଯଥା ମୃତ୍ୟୁଦୂତ,
ଅଯାଚିତ ରକ୍ତ ଅଖ୍ୟା ପ୍ରଦାନେ ପ୍ରସ୍ତୁତ,
ପର ଅନ୍ନ ପର ବାସ
ଘଟାଉ ମାନବ ଭାଗ୍ୟ କର ବୁଦ୍ଧି ନାଶ ।

୩

ଅହୋ କେତେ କେତେ ଜ୍ଞାନୀ ମାନୀ ତୋର ବଶେ
ହରାଇ ସମ୍ମାନ କାଳ କ୍ଷେପନ୍ତି ବରଷେ,
ଅଟ୍ଟ ରୁ ଧନୀ ଅଭିଭ,
ଭକ୍ଷକ ସଂଖ୍ୟା ବୃଦ୍ଧିର ମୁଖ୍ୟ ପକ୍ଷପାତ ।

୪

ବିପୁଳ ସମ୍ପତ୍ତିରେ ଯେ ବୃକ୍ଷ ଆଜ ପୂର୍ଣ୍ଣ,
କାଲି ତୋ ଆଗମେ ହୁଏ ତା ଶ୍ରୀହୀନ ଚୂର୍ଣ୍ଣ,
ବଡ଼ ସାନ ଭାବ ଭବେ
ସର୍ବଦା ଉଦ୍ଭବ ହୁଏ ତୋହର ସଂସ୍ରବେ ।

୫

ତୋହର ରାଜତ୍ୱ ଯହିଁ ହୁଏ ବିସ୍ତାରିତ,
ଧନିକ ଶବଦ ତହିଁ ହୁଏ ନିର୍ବାସିତ,
ତୋର ଅଧିକାର ଯୋଗେ,
ନିରାମୟ ଲୋକ ସୁଦ୍ଧା ଭୋଗେ ନାନା ରୋଗେ ।

୬

କୋବିଦ କଳ୍ପନା ଶକ୍ତି ତୋ ଶକ୍ତି ନିକଟେ
ପରିଶ୍ରାନ୍ତେ ମୋହି ସଦା ରହେ ଅପ୍ରକଟେ,
ଶିଷ୍ଟ ପରାକ୍ରମଶାଳୀ
ତୋହ ଅଧିକାରେ ରହେ ନତ ଆଜ୍ଞା ପାଳି ।

୭

ଦୁର୍ବାର ବୁଭୁକ୍ଷାନଳେ କରି ବ୍ୟତିବ୍ୟସ୍ତ
କରାଉ ବଡ଼ ଲୋକଙ୍କୁ ଇତରଦ୍ୱାରସ୍ଥ,
ଭିକ୍ଷା ଲାଗି ଦ୍ୱାରେ ଦ୍ୱାରେ
ଭ୍ରମାଉ ତୁ ଅହା ତାଙ୍କୁ ଚିର ହାହାକାରେ ।

୮

ଜୀର୍ଣ୍ଣ ଛିନ୍ନ ବସ୍ତ୍ର ବେଶ ତୁଳ ଏ ଜଗତ୍ର
ଅଟନ୍ତି ତୋ ଶାସନର ପ୍ରଧାନ ଅସ୍ତ୍ର
ଯେଉଁ ଧନୀ ଦେହେ ଉଠ
ନ ଚଳିଲ ଦ୍ୱେଷ୍ଟ ତ ସେ ତୋର ପ୍ରଜା ହେଲ ।

୯

ଅଙ୍କଟରେ ଜନ୍ମକ୍ଷଣେ ଧନୀ ଭୋଗୀ ପାଶେ
ଜଗିଥାଉ ଅବସର ପାଇବାର ଆଶେ,
ଭାଗ୍ୟ ଦୋଷେ ସେ ସହାୟ
ପାଇବା ମାତ୍ରକେ ହୁଏ ନେଇ ହାୟ ହାୟ ।

୧୦

ତୋହର ଆବିର୍ଭାବ ମାତ୍ରେ ଲଜ୍ଜା ଅଭିମାନ
ପୁଣି ଶିକ୍ଷା ଦୀକ୍ଷା ଆଦ ହୁଏ ଅନ୍ତର୍ଦ୍ଧାନ,
କପାଁ ତୋ ଏ କୁମନ୍ତ୍ର,
ସୃଷ୍ଟ ହେଲା କେ ଜାଣିବ ଅନ୍ତ କା ଶକତ ।

# ଜନ୍ମମାତା ଉକ୍ତି ।

ବେଳୁବେଳ ବଢ଼ୁଛି ଯାତନା,
ପାଇ ପଡ଼ୋଶୀଙ୍କର ଲାଞ୍ଛନା,
ବୋଲିବାକୁ ଅବା      ହେବ କେହୁ ବାହା
ଥରେ ନ ଦିଏ କିଏ ସାନ୍ତ୍ୱନା ହେ କୁମରେ । ୧ ।

ବଙ୍ଗ ତୈଲଙ୍ଗ ଭଗ୍ନୀ ଦ୍ୱୟ
ମଧ୍ୟେ ରହି ମୋର ନାହିଁ ଥୟ,
ମୁହିଁ ଛିନ୍ନ ଖଣ୍ଡ      ହୋଇ ଗୁରୁ ଦଣ୍ଡ
ସଦା ଭୋଗୁଅଛି ଅଭିଶପ୍ତ ହେ କୁମରେ । ୨ ।

ନାହିଁ ଆଉ ସେ ପୂର୍ବ ସମ୍ପତ୍ତି,
ତା ଅଭାବେ ମିଳା ଏ ବିପତ୍ତି,
ପାରୁ ନାହିଁ କହି      ଯେତେ କଷ୍ଟ ସହି
ପ୍ରାଣ ଧରି ରହିଛି ବରତ ହେ କୁମରେ । ୩ ।

କୁସଂସ୍କାରେ ହୋଇ ସର୍ବେ ଅନ୍ଧ
ତୁଚ୍ଛ ବର୍ବରକୁ ମଣି ବନ୍ଧ,
ହରାଇ ବିବେକ      ଯେ ଯାହାର ଟେକ
ରଖିବାକୁ ଲଗାଉଛି ଦ୍ୱନ୍ଦ ହେ କୁମରେ । ୪ ।

ନାମପ୍ରୟାସୀ ହୋଇଣ ସର୍ବେ
ବଡ଼ଲୋକ ଭାବ ପୋଷି ଗର୍ବେ,
ଯୋଦର ସୋଦର      ମଧ୍ୟେ ଅନାଦର
ଭାବ ଗଲୁ ନାହିଁ କେବେ ଲବେ ହେ କୁମରେ । ୫ ।
କାହା କାଏ ବଡ଼ କାଏ ସାନ,
ଭାଙ୍ଗିଯେବେ ସମସ୍ତେ ସମାନ,
ଚଢ଼ ଯାନ ଭାବ      କଲେ ହୃଦେ ଠାବ
କାଏ ପାଇବ ନାହିଁ ସମ୍ମାନ ହେ କୁମରେ । ୬ ।
ପୂର୍ବ ପ୍ରକାର ନାହିଁ ସଂସ୍କାର,
ବ୍ୟାପ୍ତ କୁସଂସ୍କାର ଅନ୍ଧକାର,
ଜ୍ଞାନ-ରବି କର      ବିନା ତା ଅନ୍ତର
ହେବ ନାହିଁ ତ ଅନ୍ୟ ପ୍ରକାରେ ହେ କୁମରେ । ୭ ।
ଐକ୍ୟ ଗୁଣ ଉପାର୍ଜି ଝଟିତି
ଦୃଢ଼ ନ କର ଜାତୀୟ ଭିତ୍ତି
ଉନ୍ନତ-ଭୁବନ      ଗଠନେ କେସନ
ବଳାନ୍ତୃଷ୍ଟ ସ୍ୱପ୍ନଖଣ୍ଡ ମତ ହେ କୁମରେ । ୮ ।
ଦେଖୁ ନାହିଁ ଯୋଗ୍ୟ ନେତା ଜଣେ
ଠିଆ ହେବାକୁ ଦେଶ କାରଣେ,
ବକ୍ତୃତାର ବଳ      ଦେଶର ମଙ୍ଗଳ
ସାଧ୍ୟ ପାରିବ କି ଲବେ, ଜଣେ ହେ କୁମରେ । ୯ ।

ଦର୍ଶାଇବାକୁ ବାକ୍‌ପଟୁତା,
ଦେଇ ସ୍ୱଅର୍ଥେ ଦୀର୍ଘ ବକ୍ତୃତା,
ବକ୍ତା ନାମ ବହି      କପଟେ ସଦାଇଁ
ନଷ୍ଟ କରୁଛ ସମସ୍ତ ବୃଥା ହେ କୁମରେ । ୧୦ ।
ଆହା କେତେ ଜଣ ସ୍ୱାର୍ଥପର
ନାମପାଇଁ ବ୍ୟସ୍ତ ନିରନ୍ତର,
ପ୍ରତାରଣା କରି      ନାନା ବେଶ ଧରି
ଅନେ କରୁଛନ୍ତି ହରବର ହେ କୁମରେ । ୧୧ ।
ଧନାଢ୍ୟ ସନ୍ତାନେ ହେଲେ କୃପଣ
ମତ୍ତ ସ୍ୱାର୍ଥଭାବେ ଅନୁକ୍ଷଣ,
ନିର୍ଦ୍ଧନ ନନ୍ଦନେ      ମିଳି ଏକ ମନେ
ସାଧି ପାରୁ ନାହାନ୍ତି ସ୍ୱ-ପଣ ହେ କୁମରେ । ୧୨ ।
ବିଳାସରେ ପ୍ରବର୍ତ୍ତାଇ ମନ
ଦେଲ ଉଡ଼ାଇ ସଞ୍ଚିତ ଧନ,
ଅନ୍ୟ ପଛେ ଧାଇଁ      ହେଲ ନାମେ ଭାଇ
ହେବ ଦାରିଦ୍ର୍ୟ-ଦାବେ ଦହନ ହେ କୁମରେ । ୧୩ ।
ଧନ ଅଭାବରେ ଶିକ୍ଷାବଳ
ହୋଇ ପାରିବ ନାହିଁ ପ୍ରବଳ,
ଧନ ଶିକ୍ଷା ଜ୍ଞାନ      ସମତା ସ୍ୱଧାନ
ଦେଶୋନ୍ନତି ପ୍ରଧାନ ସୋପାନ ହେ କୁମରେ ।୧୪।

ତବ ନବ୍ୟ ସଭ୍ୟ ଶିକ୍ଷା ଦୀକ୍ଷା
ହୋଇଅଛି ପ୍ରଧାନ ଜୀବିକା,
ଭାବୁ ନାହିଁ ଥରେ ଭ୍ରମି ସେ ପଥରେ
ଦେବ ଜୀବନେ ଦିନେ ପରୀକ୍ଷା ହେ କୁମରେ । ୧୫ ।

ପରସ୍ପର ମଧ୍ୟରେ ଦୂଷଣ
ପୁଣି ଅଯଥାରେ ଆକ୍ରମଣ—
ଭାବକୁ ପ୍ରଶ୍ରୟ ଦେଇ ତା ଅଶ୍ରୟ
ନେଲେ ନଷ୍ଟ ହେବ ଅକର୍ମଣ୍ୟ ହେ କୁମରେ । ୧୬ ।

ଅହଙ୍କାର ଦ୍ୱେଷ ହିଂସା ବୃତ୍ତି
ପାଇ କ୍ରମେ କରେ ହ୍ରାସ ବୃଦ୍ଧି,
ପୂଜ୍ୟ ପୂର୍ବ ଆର୍ଯ୍ୟ- ଗଣଙ୍କ ସୁକାର୍ଯ୍ୟ
ଅନୁକରଣେ ହେବଟି ସୁଧୀ ହେ କୁମରେ । ୧୭ ।

ବ୍ରତୀ ହୋଇ ଦେଶହିତ ବ୍ରତେ,
ଜାଗି କଲେ କାର୍ଯ୍ୟ ଏକମତେ,
ଏ ମୋହର କ୍ଲେଶ ନ ରହିବ ଲେଶ
ତୁଷ୍ଟ ମୋ ଗୌରବ ପ୍ରହିତଙ୍କି ହେ କୁମରେ । ୧୮ ।

ଭାଗୀରଥୀ ପୁଣି ଗୋଦାବରୀ
ମଧ୍ୟ ମୋ କୀର୍ତ୍ତି ହାତ ପ୍ରସର
ଇତିହାସ ବକ୍ଷେ ରହନ୍ତୁ ପ୍ରତ୍ୟକ୍ଷେ
ଚିରନ୍ତନ ଦୃଷ୍ଟସ୍ତମ୍ଭ ପରି ହେ କୁମରେ । ୧୯ ।

ଅହ୍ମା ଜନ୍ମ କଲବେଳେ ତାହିଁ
କ'ଣ ଅମଙ୍ଗଳ ଥିଲା ଛାହିଁ,
ଭାବଲେ ସେ କଥା ହୃଦେ ଲାଗେ ବ୍ୟଥା
ଦନ ନ ସରେ ସେ ଦନ ବାହ୍ନି ହେ କୁମରେ । ୨୦ ।
ଗଲା ମୋର୍‌ପୂର୍ବ ସମ୍ମାନ,
ରହଅଛି ହୋଇ ହାନମାନ,
କେ ଜନ୍ମିବ ଅହ୍ମା ନନ୍ଦଣେ ଧୀରହ୍ମା
ବଲ ପଡ଼ୁଅଛି ଅପମାନ ହେ କୁମରେ । ୨୧ ।
ଦୁଃଖେ କଟର ହୋଇବ ପାର,
କେବା ଶୁଣିବ ମୋହର ଗୁହାର,
କାହା ଅଗେ ଯାଇ କହବ ବୁଝାଇ
ମୋର ଅଭାବ ସବୁ ବସ୍ତାର ହେ କୁମରେ । ୨୨ ।
ଅଛି ଅଶା ବ୍ରିଟିଶ କୃପାରେ,
ଯିବ ମୋ ଦୁର୍ଦ୍ଦଶା ଏକ ବାରେ,
ପୂର୍ବ ଗୌରବ ପରୁବ ବିଭବ
ପାଇ ରହିବି ମୁଁ ଅଚନ୍ତାରେ ହେ କୁମରେ । ୨୩ ।
ଅହେ ବିଶ୍ୱ ବିଧିଚକ୍ରବର୍ତ୍ତୀ,
କର ସେ ଦନ ନକଟବର୍ତ୍ତୀ,
ଅସ୍ତଗତ ଭାନୁ ଉଦେ ହୋଇ ଅବ
ଖରେ ଅଗତ ଶ୍ୟାମ ଉନ୍ନତ ହେ କୁମରେ । ୨୪ ।

# ସଂସାର ।

ହେ ବନ୍ଧୁତଃ, ତୁମ୍ଭ ସୃଷ୍ଟି ପରି ଏହି
ଦାରୁଣ ଦୁଃଖ ସଂସାର,
ମହାକାଳ ପ୍ରାୟ ବାହ୍ୟ ଶୋଭା ଏଥି
ଭିତରେ ଘୋର ଅଙ୍ଗାର ।
ଧନ, ମାନ, ପୁତ୍ର ପରିବାର ଯାହା
ଭାବନ୍ତ ନରେ ମୋହର,
ସମ୍ମୁ ପଡ଼ିଲେ କେହି କାର ନୁହେ
ହୁଅନ୍ତ ସକଳେ ପର ।
ଅନିତ୍ୟ ଅସତ୍ୟ ଅସାରରେ ପୂର୍ଣ୍ଣ
ଅଟଇ ଏହି ଜଗତ,
ସ୍ନିଗ୍ଧ ଶୀତଳ ବାହ୍ୟଦେଶ ତାର
ଭିତରେ ଘୋର ତପତ ।
ଅସାରକୁ ସାର ମଣେ ଭ୍ରାନ୍ତ ନର
ମାୟା-କୁହୁକରେ ବୁଡ଼ି,

ମିଛେ ମିଛେ ଯାକୁ    ମେଘ ବୋଲି ମଣେ
ସେ କିନା ତୁଚ୍ଛା ଭୁହୁଡ଼ି ।
ବୋଲନ୍ତି ମାନବେ    ଅସାର ସଂସାରେ
କେବଳ ସାର ମାନବ,
କିନ୍ତୁ ଏହି କଥା    ଲାଗୁଅଛି ମୋତେ
ଅମୂଳକ ଅସମ୍ଭବ ।
ମାନବ ଯଦ୍ୟପି    ହୋଇଥାନ୍ତା ସାର
ତେବେ ଅହା କାହିଁପାଇଁ
ଚର ନୋହ ଜଳ—    ବୁଦ୍‌ବୁଦ ପରାୟେ
କ୍ଷଣକେ ଯାନ୍ତା ମିଳାଇ ।
ପୁଣି କେହି କହେ    ନାହିଁ ନାହିଁ ସାର
ଅଟଇ କେବଳ ମନ,
କିନ୍ତୁ ଏ ଉକ୍ତିରେ    ସନ୍ତୋଷ ମୋହର
ହୁଏ ନାହିଁ କଦାଚନ ।
ଶରୀର ଅଟଇ    ମନର ଆଧାର
ଶରୀର ପୁଣି ଅଚିର,
ଦେହ ସଙ୍ଗେ ସଙ୍ଗେ    ମନ ଲୟ ପାଏ
ନୁହେ କି ଧ୍ରୁବ ଏ ଗିର !
ସେ ବସ୍ତୁରେ କାହିଁ    ସାରସତ୍ତା, ଯେହୁ
କ୍ଷଣକେ ଲଭେ ବିନାଶ,

ଘୋର ରୌଦ୍ର ତାପେ    ଶୁଖିଗଲେ ଫୁଲ
ଥାଏ କି ଆଉ ସୁବାସ ?
ଫୁଟି ସେହି ମନ    ଗୁରୁ ରୂପେ ନରେ
ଦିଏ ପାପ ପୁଣ୍ୟ ଶିକ୍ଷା,
କାହାକୁ କରାଏ    ସ୍ୱର୍ଗେଶ୍ୱର ପୁଣି
କାହାକୁ ମଗାଏ ଭିକ୍ଷା ।
ଭୋଗିବ ବା ସୁଖ    ଦୁଃଖ ଧର୍ମାଧର୍ମ
ମାନବର କର୍ମଫଳ,
କହୁ ମୁଁ ସେ କଥା    ମାନେ ନାହିଁ ତାହା
ମିଥ୍ୟା ବର୍ଣ୍ଣନ କେବଳ ।
କର୍ମଫଳ ପ୍ରଭୁ    ମନୁଷ୍ୟ ତ ତନ୍ତ୍ର
ଅନ୍ୟ କାହୁଁ ଆସି ନାହିଁ,
କେଉଁ ଯୁକ୍ତି ବଳେ    କେଉଁ ନ୍ୟାୟ ତେବେ
ଦାୟୀ ହେବ ସେହିପାଇଁ ?
ଭଲ ମନ୍ଦ ଯେତେ    କାର୍ଯ୍ୟ ଏ ଜଗତେ
ସବୁ ମନ ପ୍ରରୋଚନା,
କେ ଅପରାଧୀ ତାହ ?    ଲୋଭ ମୋହ, ହିଂସା
ସକଳି ମନ ଛଳନା ।
ମନ ପରି ଶତ-    ମିତ୍ର ଏ ଜଗତେ
ତପ ଅନ୍ତ୍ର କାହିଁ ଅଛି,

ଯେବେ ଶୁକ୍ଳେ କୃଷ୍ଣ କୃଷ୍ଣେ ଶୁକ୍ଳ କହ
ସାଧେ ପରଘଟଣେ ଦାଉ ।
ଯେ ମନର କାର୍ଯ୍ୟ ଏସନ କୁଟିଳ
କପଟ ହେବ ସେ ପାର,
ମଙ୍ଗଳକୁ ଦୃଷ୍ଟା ମଣିକେ ମଙ୍ଗଳ
ହେବ କ ସମ ତାହାର ।
ଅତଏବ ଭବେ ଚର ନୁହେ କଣ୍ଠ
ସଚଳ ପୂର୍ଣ୍ଣ ଅପାର,
ହେ ପ୍ରଭୁ କେବଳ ତୁମ୍ଭେ ଏହି ଚର
ତୁମ୍ଭେ ପାର ପାରାବପାର ।
ଯେ ଜନ ତୁମ୍ଭର ଅପହାରୀ ନାମ
ଏକାନ୍ତେ କରେ ଭଜନ,
ସେହି ପିନା ଏକା ହୁଏ ଏ ଜଗତେ
ପାରି ପଦର ଭାଜନ ।
ମୁଁ ଘୋର ପାମର ମୂଢ଼ ଦୁରାଚାର
ବିଷୟ-କଷ୍ଟରେ ବୁଡ଼
ତୁମ୍ଭର ପବିତ୍ର ନାମକୁ ନ ଧରି
ଗଲି ପରତାଳ ଦୃଢ଼ ।
ଶରଣ ଗଲି ମୁଁ ଅଭୟ ଚରଣେ
ହେଉ ମୋ ଗୁହାରି ଘେନା,

ଦୋଷ ଅନୁସାରେ          ଦଣ୍ଡ ଅବା କ୍ଷମ
     ପ୍ରଭୁ ଭବ-ବନ୍ଧୁସେହ୍ଣା ।
କିନ୍ତୁ ଏ ମାନସେ          ହେଉଅଛି ଦୁଃଖ
     ସଦା ଏ ଆଶା ଉଦୟ,
ଦୟାମୟ ପିତା          ଦୁଷ୍ଟ ପୁତ୍ର ପ୍ରତି
     ହୁଅନ୍ତି ନାହିଁ ନିର୍ଦ୍ଦୟ ।

# କାର୍ଯ୍ୟକ୍ଷେତ୍ରୁ ବିଦାୟ ଗ୍ରହଣ ।

ଗବେ ଥାଇ ଏବେ ମୁହିଁ ହୁଏ ମୃତପ୍ରାୟ,
ଅଭ୍ରା ପୁଣି ଅବଶେଷେ ହେଲି ନିରୁପାୟ ।
ଦୋଷ ଦିଅ ମା ଏବେ ହୋଇଣ ସଦୟ,
ରହିବି କି ଲଭ ଅଛେ ଅଯୋଗ୍ୟ ତନୟ ।

ବିଘ୍ନ ବାଧା ହେବା ହେତୁ ଘୋର ଅନିବାର୍ଯ୍ୟ,
ପାର ନାହିଁ ସାଧି ମାତଃ, ତୋର କିଛି କାର୍ଯ୍ୟ ।
କାର୍ଯ୍ୟଦକ୍ଷ ସନ୍ତାନଙ୍କ ସଙ୍ଗରେ ମିଶାଇ,
ଅକର୍ମଣ୍ୟ ଅନର୍ଥକ ରହିବି କିପାଇଁ ।

ନାହିଁ ମୋର ଶକ୍ତି ଦେହ, ନାହିଁ ବିଦ୍ୟା-ଧନ,
କାର୍ଯ୍ୟକ୍ଷେତ୍ରେ କରିବାକୁ ସଫଳ ସାଧନ ।
ଯାଉଛି ଛାଡ଼ି ମାତ ତୋ, ଆଶ୍ରମ ଆଶ୍ରୟ
ଦିଅ ଧୂଳି ଝାଡ଼ି ଶିରେ ରଖି ପଦଦ୍ୱୟ ।

ଜନନୀ ଜନମ ଭୂମି ବେନି କେତେ ଋଣୀ
ହୋଇ ହାୟ ପରଶେଷେ ହେଲି ହୀନ ପୁଣି ।
ଅଟେ ମୁଁ ଅବଜ୍ଞା ଦୋଷେ ଜଡ଼ିତ ସହିତ,
କ୍ଷମ ମା ଉତ୍କଳମହୀ ନୋହ ରୁଷ୍ଟଚିତ୍ତ ।

ଏତେବେଳେ ସନ୍ଧାନ ନା ପାଇବି ମୁଁ କାହିଁ,
ପୂରିବାକୁ ତୋ ପସ୍ୱର କାଞ୍ଚନ-କଟାହ ।
କାରେ ସୁଦ୍ଧା ପୋଛିବାକୁ ତୋର ଅଶ୍ରୁଜଳ
ଯୋଗ୍ୟ ନୋହି ମୋ ଜୀବନ ହେଲାକ ବିଫଳ ।
ହୋଇ ଅସିଲଣି ପ୍ରାଣ ଏବେ ଉଦାସନ,
ହେଉ ନାହିଁ କେବେ କାହିଁ ମନ ସୁପ୍ରସନ୍ନ ।
କରିବ କିଏ ବା କିଛି ବିଧାନ ଖଣ୍ଡନ,
ତ୍ରୈତ ପାଳନେ ତାହା ବାଧ୍ୟ ସର୍ବଜନ ।
ତୋର ସ୍ନିଗ୍ଧ ସ୍ନେହମୟୀ ମଧୁମୟୀ ଭାଷା
କେମା ଅନ୍ୟ ଭାଷାରେ କି ପୂରିବ ମୋ ଆଶା ।

ରହ ମୋର ଅଭିଗମ୍ୟ ଜୀବନ ଜୀବିକା,
ଯୁଗେ ଯୁଗେ ହେବି ମୁହିଁ ତୋ ଚରଣେ ସେବା ।
ଯେଣୁ ନାହିଁ କିଛି ମୋ ସମୀଚୀନ ଜ୍ଞାନ,
ତେଣୁ ମୋର ଉପଯୁକ୍ତ ଅଶେଷ କୁସନ୍ତାନ ।
କ୍ଷଣମାତ୍ର ସୁଦ୍ଧା ହେବ ତୋ କାର୍ଯ୍ୟ ସାଧନ
କରିବାକୁ ଚେଷ୍ଟିତ ମା ନୁହେ ମୋର ମନ ।
ଅଟେ ମୁହିଁ ହୀନତରୁ ହୀନତମ ଅତି,
ତୋ ପଦ ସେବାରେ କାହୁଁ ଲଗାଇବି ମତି ।
ଧିକ ଧିକ ମୋର ଜନ୍ମ ଧିକ ମୋର କର୍ମ,
ହେଲି ଉଚ୍ଛ ଛାଡ଼ ଯାହା ଅଟେ ମୋକ୍ଷ ଧର୍ମ ।

କାର୍ଯ୍ୟକ୍ଷେତ୍ରେ ଏହି ସ୍ଥାନ ସନ୍ତାନେ ବହନେ,
ବିଦାୟ ପ୍ରଦାନ ମାତଃ ପ୍ରସନ୍ନ ବଦନେ ।
ନୁହଇ ଯଥେଷ୍ଟ ଗୋ ଦୁଃଖିନୀ ଉତ୍କଳ ଜନନୀ,
ପାହୁ ଆସିଲାଣି ତୋର ବିଷାଦ ରଜନୀ ।
ଲଗିଛନ୍ତି ମନୋଯୋଗେ ତୋ ଯୋଗ୍ୟ ନନ୍ଦନେ,
ତୋ ବିଚ୍ଛିନ୍ନ ଅଙ୍ଗ ଯୋଗ କରିବା କାରଣେ ।
ଆସିବ ଫେରି ତୋ ପୂର୍ବ ଗୌରବ ବିଭବ,
ନ ରହିବ ଆଉ କେବେ ପର ପରାଭବ ।
ସ୍ୱାର୍ଥପର ଛନ୍ତି କେତେ ସନ୍ତାନ ମଧ୍ୟରେ,
ସବୁ ନଷ୍ଟ କରୁଛନ୍ତି ଅନ୍ତର୍ବିବାଦରେ ।
ପରଶ୍ରୀକାତର ନାମ-ପ୍ରସ୍ପୃହି ସ୍ୱଭାବ
ବଶେ ହ୍ରାସ ହେଉଛି ତୋ ଉନ୍ନତି ପ୍ରଭାବ ।
ଅସ୍ୱାର୍ଥ ଦୋଷ ବଶେ ଜାତୀୟ ଜୀବନ,
ଉଠି ହୋଇ ପାରିବ ବା ସୁଦୃଢ଼ କେସନ ।
କୁସଂସ୍କାର-ଅନ୍ଧକାର ସୋଟିଣ ନିରତ
ଢାଙ୍କି ପକାଉଛି ଭବୀ ଉନ୍ନତି ସୁପଥ ।
ନେତା ହେବା ଲାଗି ହୋଇ ସର୍ବେ ଲାଳାୟିତ,
ହିତାହିତ ଭାବ ନାହିଁ କାହାର କିଞ୍ଚିତ ।
ନାହିଁ କେଉଁ ବିଷୟରେ କେବେ ଏକମତ,
ଦ୍ୱେଷ ହିଂସା ହେଲା ଆସି ଦେଶର ଗତ ।

ଭିନ୍ନ ଭିନ୍ନ ଦଳବଳ ବିରୋଧାଚରଣ,
ଶିକ୍ଷା ଦୀକ୍ଷା ଅଟେ ଏବେ ପ୍ରଧାନ କାରଣ ।
ବାହ୍ୟ ଅଡ଼ମ୍ବରେ ଜାତି ଗୌରବଚନ୍ଦ୍ରମା
ଯାଉଛି ଅଦୃଶ୍ୟ ହୋଇ ଲୁଚୁଛି ସୁଷମା ।
ଏକତା-ମନ୍ତ୍ର ବଳରେ କେତେ ସୁମହତ
କାର୍ଯ୍ୟ ପୂର୍ବ ଆର୍ଯ୍ୟଙ୍କର ଅଛି ପ୍ଲୁତବତ ।
କେତେ କେତେ ଅସାଧ୍ୟ ବା ହୋଇଛି ସୁସାଧ୍ୟ,
ଅଟେ ଯାହା ଶିକ୍ଷଣୀୟ ପୂର୍ଣିହିଁ ଆରାଧ୍ୟ ।
ଯେ ପୀୟୂଷ କଥାମାନ ପଶିଲେ ଶ୍ରବଣେ,
ହୁଏ ଆଶା ସଞ୍ଚାରିତ ହତାଶ ଜୀବନେ ।
ନାହିଁ ଭାଗ୍ୟେ ଯେ ମହିମା ଅନୁକ୍ଷଣ ଗାଇ,
ସାର୍ଥକ ଏ ହୀନ ପ୍ରାଣ କରିବାର ପାଇଁ ।
କର ଆଶୀର୍ବାଦ ଦିନେ ମାତଃ ସ୍ବଗୁଣରେ,
ବଦାନ୍ୟ ନେଉଛି ବଣୀ ହୋଇ ତୋ ଋଣରେ ।

# ବାଣୀ ପୂଜା ।

—:୦:—

( ରାଗ— ରସକୁଲ୍ୟା )

ବାଣୀ ବୀଣାପାଣି ସୁବିଦ୍ୟାଖଣି,
ତାଡ଼ିବାକୁ ପାରକୁ ଏକା ତରଣୀ,
ନିବିଡ଼ ଅଜ୍ଞାନ-ଧ୍ୱାନ୍ତ-ଧ୍ୱଂସିନୀ,
ସାହିତ୍ୟ-ସଙ୍ଗୀତ-ସୁଧା ବର୍ଷିଣୀ,
କୋବିଦ ହିର ମଣ୍ଡଣୀ ଯେ,
ଦଣ୍ଡକରେ ଗଣ୍ଡ ମୂର୍ଖଙ୍କୁ ଖଣ୍ଡିଣ
କରୁ ପଣ୍ଡିତ ଅଗ୍ରଣୀ ଯେ ।୧।
ଦୀନ ହୀନ ପ୍ରତି ତୋର କରୁଣା
କହିବେ କେବେହେଁ ନୁହଇ ଊଣା,
ମାଗ ଅଯୋଗ୍ୟ ମୁଁ ଅଟେ କେବଳ,
ପୂଜିବାକୁ ତୋର ପଦଯୁଗଳ,
କାହିଁ ଛି ମା ମୋର ଶକ୍ତି ଯେ,
ତୋହର ପ୍ରଦତ୍ତ ଜ୍ଞାନକୁ ଅମୃତ
କହଣେ ନାହିଁ ଅସକ୍ତି ଯେ ।୨।
ନାହିଁ ଯେଣୁ ମୋର ଧର୍ମ କରମ,
ତେଣୁ ମୁଁ ବୋଲାଏଁ ଅତି ଅଧମ,

ବୁଝିବ କାହୁଁ ମା ତୋର ବିଷୟ,
ବିଷୟ-ବିଷରେ ହୋଇ ଲୟ,
ମନ୍ଦ ବିନା ନାହିଁ ଭଲ ଯେ,
କି କହିବି ମାତଃ   ଏ କ୍ଷୀଣ ଜୀବନ
ହୁଏ ବଡ଼ ଜଳବଳ ଯେ । ୩ ।

ତୋହର କରୁଣା-ବାରି ଦେଲେନେ
ଶୁଷ୍କ ଜୀବ ବୃକ୍ଷ ଅଙ୍କୁ ରେତନେ,
ଫୁଟିବ କି ଭକ୍ତି-କୁସୁମ ତହୁଁ,
ପ୍ରେମ-ଫଳ, ଭାବ-କଳିକା ବହୁ,
କଲ୍ପ ମାନବଙ୍କେ ସେ ଅଶା ଯେ;
ଦଣ୍ଡ ଦଣ୍ଡ କରେ   କେତେ ଦଣ୍ଡ ଅଣି
ହଏ ସଂସାର ପିପାସା ଯେ । ୪ ।

ଏଣିକି ମାତଃ ତୋ ଆଜ୍ଞା ପାଳନ
କରି ଲେଖିବାକୁ ଧରି ଲେଖନ
ନାହିଁ ଜ୍ଞାନବଳ ମୋ ଅପଦନେ,
ଦୁର୍ବଳତା ପୋଡି ଗଲାଣି ମନେ,
ସେବାକୁ ହେବି କି ଯୋଗ୍ୟ ଯେ,
ସେ ଭାଗ୍ୟ ମୋ ହର   ହୋଇବ କପର
ଅଟେ ତ ମହୁଁ ଅଯୋଗ୍ୟ ଯେ । ୫ ।

ମାତଃ ତୋ ମହିମା କହି ଜୀବକା,
କଲି ଏତେ ଦିନ ମୁଁ କଣା ବକା,
ଏଣିକି ଆଉ ମୋ ନାହିଁ ସାହସ,
ଯାଉଛି ହୋଇ ତା ହ୍ରାସ କ୍ରମଶଃ
ଜୀବର ଛମୃାପତନ୍ ଯେ, .
ବଞ୍ଚିବା ଭରସା ହେଉ ନାହିଁ ଆଉ
ବହୁ ଜୀର୍ଣ୍ଣଶୀର୍ଣ୍ଣ ତନୁ ଯେ । ୬ ।
ବାଗ୍‌ଦେବୀ ଜନନୀ ଗୋ ଶ୍ୱେତଭୁଜା,
ଯାଉଅଛି ଛାଡ ତୋ ସେବା ପୂଜା,
ଦିଅ ବିଦାୟ ମା ପ୍ରାର୍ଥନା ଏଣୁ,
ଅନୁଜ୍ଞା ସହ ଦେଇ ପଦରେଣୁ,
ତବ ପଦେ ହୋଇ ଋଣୀ ଯେ,
ରହିବ ଊଦାର୍ଯ୍ୟ ଅତର ଜନନୀ
ତୋହର ନାମ ଗୁଣି ଗୁଣି ଯେ । ୭ ।

ସ ମା ପ୍ତ ।

Printed by H. K. Das, Chandrodaya Press, CUTTACK.